# ଓଡ଼ିଶା ସରକାର

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

*****

## ଅଧିସୂଚନା

ସଂଖ୍ୟା ୪୧୭୪/ଓ.ଭା.ସା.ସଂ., ତା. ୩୦/୧୨/୨୦୨୦

OLLC(P)-003/2020

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ତା. ୦୨. ୯.୨୦୨୦ ରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟ୍ ର ଦ୍ୱିତୀୟ ବୈଠକରେ ନିମ୍ନୋକ୍ତ ସାତଗୋଟି ପ୍ରସ୍ତାବକୁ ଅନୁମୋଦନ କରାଗଲା।

- ଓଡ଼ିଶା ଜାତୀୟ ତଥା ଆନ୍ତର୍ଜାତୀୟସ୍ତରରେ ଏକ ସଂସ୍କୃତି ସମ୍ପନ୍ନ ପରିଚିତ ରାଜନୀତିକ ଆୟତନ । ଭାରତ ସରକାର ଓଡ଼ିଶୀନୃତ୍ୟକୁ ଶାସ୍ତ୍ରୀୟନୃତ୍ୟ ଏବଂ ଓଡ଼ିଆଭାଷାକୁ ଷଷ୍ଠତମ ଶାସ୍ତ୍ରୀୟଭାଷାର ମାନ୍ୟତା ପ୍ରଦାନ କରିଛନ୍ତି। ଓଡ଼ିଶୀ ସଙ୍ଗୀତର ଗାୟନ ପଦ୍ଧତି ଭାରତର ଅନ୍ୟ ଶାସ୍ତ୍ରୀୟସଂଗୀତ ଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ହୋଇଥିବାରୁ ଓଡ଼ିଶୀନୃତ୍ୟ ପରି ଓଡ଼ିଶୀସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଭାରତ ସରକାରଙ୍କୁ ଅନୁରୋଧ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।
- ଓଡ଼ିଶାର ଐତିହ୍ୟ ଓ ଏହାର କୀର୍ତ୍ତିରାଜି, ପ୍ରାଚୀନମନ୍ଦିର, ସ୍ତୂପ ଏବଂ ଭାସ୍କର୍ଯ୍ୟଗୁଡ଼ିକର ରକ୍ଷଣାବେକ୍ଷଣ ତଥା ରାଜ୍ୟ ପ୍ରତ୍ନତତ୍ତ୍ୱସଂସ୍ଥାର ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଓ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ସୃଷ୍ଟି ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।
- ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଥିବା ପ୍ରାଚୀନ ସାମଗ୍ରୀଗୁଡ଼ିକର ରକ୍ଷଣାବେକ୍ଷଣ ସମେତ ପ୍ରାଚୀନ ପୋଥିଗୁଡ଼ିକର ଡ଼ିଜିଟାଇଜେସନ, ପଞ୍ଜୀକରଣ, ସଂରକ୍ଷଣ ଏବଂ ପ୍ରକାଶନ କାର୍ଯ୍ୟ ଜଣେ ମାତ୍ର ନିର୍ଦ୍ଦେଶକଙ୍କ ଅଧୀନରେ ହେଉଥିବାରୁ ଏହାର ପରିଚାଳନା ଅତ୍ୟନ୍ତ କଷ୍ଟସାଧ୍ୟ ହେଉଅଛି । ତେଣୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଏହା ଅଧିନସ୍ଥ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଅନ୍ୟ ସଂଗ୍ରହାଳୟଗୁଡ଼ିକର ତଦାରଖ କାର୍ଯ୍ୟର ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଓ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ସୃଷ୍ଟି ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।
- ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଗଚ୍ଛିତ ଥିବା ପୁରାତନ କୀର୍ତ୍ତିରାଜି, ଅନନ୍ୟ ତାଳପତ୍ର ପୋଥି, ପ୍ରାଚୀନ ମୁଦ୍ରା ଓ ଅଭିଲେଖ, ନୃତତ୍ତ୍ୱ, ବ୍ରୋଞ୍ଜ ଐତିହ୍ୟ, ଅସ୍ତ୍ରଶସ୍ତ୍ର, ହାତୀଦାନ୍ତ ଓ କାରୁକଳା, ନୌବାଣିଜ୍ୟ ପରମ୍ପରା, ଖଣି ଓ ଭୂତତ୍ତ୍ୱ ଆଦି ଅମୂଲ୍ୟ ସମ୍ପଦର ଦୃଶ୍ୟପଟ ପୃଥିବୀର କୋଣ ଅନୁକୋଣରେ ପହଞ୍ଚିବା ଉଦ୍ଦେଶ୍ୟରେ ତଥା ସାଂପ୍ରତିକ ମହାମାରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ଭର୍ଚୁଆଲ କରାଯିବା ସଂଗେସଂଗେ ଅନୁରୂପ ଢାଞ୍ଚାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଆନନ୍ଦ ଭବନ ସଂଗ୍ରହାଳୟକୁ ମଧ୍ୟ ଭର୍ଚୁଆଲ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।
- କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ଭାବନା ଜାଗ୍ରତ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବିବେଚିତ କଳାକାରମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଏକାଡେମୀ ପୁରସ୍କାର, ଶିଳ୍ପୀ ସମ୍ବର୍ଦ୍ଧନା ଏବଂ

ଗୋଟିଏ ଲେଖାଏଁ ସର୍ବୋଚ୍ଚ ପୁରସ୍କାର  ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ଯଥା:- ଅତିବଡ଼ି ଜଗନ୍ନାଥ ଦାସ ସମ୍ମାନ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଧର୍ମପଦ ସମ୍ମାନ ଓ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ନିମନ୍ତେ ଅର୍ଥରାଶି **ଏକଲକ୍ଷ ଟଙ୍କା ରୁ ପାଞ୍ଚଲକ୍ଷ ଟଙ୍କାକୁ**  ବୃଦ୍ଧି, ଏକାଡ଼େମୀଗୁଡ଼ିକର ପୁରସ୍କାର ପାଇଁ ଅର୍ଥରାଶି **ପଚାଶ ହଜାର ଟଙ୍କାରୁ ଦୁଇଲକ୍ଷ ଟଙ୍କାକୁ** ବୃଦ୍ଧି ଓ ଏକାଡ଼େମୀ ସମ୍ବର୍ଦ୍ଧନା ରାଶି **ଏକଲକ୍ଷ ଟଙ୍କାକୁ**  ବୃଦ୍ଧି  ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ବିଭିନ୍ନ ଏକାଡେମୀ / ଅନ୍ୟାନ୍ୟ ପ୍ରତିଷ୍ଠାନ/କେନ୍ଦ୍ରଗୁଡ଼ିକରେ ଖାଲି ପଡ଼ିଥିବା କାର୍ଯ୍ୟକର୍ତ୍ତା ନିଯୁକ୍ତି ପ୍ରକ୍ରିୟା ଏକ ମୁକ୍ତ ବିଜ୍ଞାପନ ମାଧ୍ୟମରେ ଓ ଆବଶ୍ୟକସ୍ଥଳେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ମନୋନୟନ ମାଧ୍ୟମରେ ଚୟନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା।
- ନବଉତ୍କଳର ସ୍ଥପତି, ଓଡ଼ିଶା ଓ ଭାରତର ମୁକ୍ତିସଂଗ୍ରାମର ଅନ୍ୟତମ ଅଗ୍ରଣୀ ସୈନିକ, ସତ୍ୟବାଦୀ ବକୁଳ ବନବିଦ୍ୟାଳୟ ଓ ସମ୍ବାଦପତ୍ର 'ସମାଜ'ର ପ୍ରତିଷ୍ଠାତା **ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ** ଭାରତବର୍ଷର ଜଣେ ବିଶିଷ୍ଟ ମାନବବାଦୀ ବ୍ୟକ୍ତିତ୍ୱ। ତାଙ୍କ ଜନ୍ମପୀଠ ସୁଆଣ୍ଡୋର ସାମଗ୍ରୀକ ବିକାଶ ଓ ଉନ୍ନତିକରଣ ପାଇଁ **ସାଢ଼େ ଏଗାରକୋଟି ଟଙ୍କାର**  ଏକ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା।

## ଆଦେଶ

ଆଦେଶ ଦିଆଯାଉଅଛି ଯେ ଏହି ସଂକଳ୍ପଟି ଏକ ଅସାଧାରଣ ରାଜପତ୍ରରେ ପ୍ରକାଶ କରାଯାଉ ।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**

[ଶ୍ରୀ ବିଷ୍ଣୁପଦ ସେଠୀ]

**ପ୍ରମୁଖ ଶାସନ ସଚିବ**

ଜ୍ଞାପକ ସଂ. 4199 /ଓ.ଭା.ସା.ସଂ., ତା 30/12/2020

ଏହାର ଏକକିତା ନକଲ ଗେଜେଟ୍ ସେଲ୍‌ର ଭାରପ୍ରାପ୍ତ ଅଧିକାରୀ, ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗ, ଭୁବନେଶ୍ୱରଙ୍କ ନିକଟକୁ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉକ୍ତ ଅଧିସୂଚନାଟି ଏକ ଅସାଧାରଣ ରାଜପତ୍ରରେ ପ୍ରକାଶ କରିବା ସହିତ ଏହାର ୫୦୦ କିତା ନକଲ ଏହି ବିଭାଗକୁ ପ୍ରେରଣ କରିବାକୁ ଅନୁରୋଧ।

୩୦.୧୨.୨୦୨୦

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ. 4200 /ଓ.ଭା.ସା.ସଂ., ତା 30/12/2020

ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

୩୦.୧୨.୨୦୨୦

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ. 4201 /ଓ.ଭା.ସା.ସଂ., ତା 30/12/2020

ଏହାର ଏକକିତା ନକଲ ମାନ୍ୟବର ସମସ୍ତ ମନ୍ତ୍ରୀ/ ରାଷ୍ଟ୍ର ମନ୍ତ୍ରୀଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

୩୦.୧୨.୨୦୨୦

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ. 4202 /ଓ.ଭା.ସା.ସଂ., ତା 30/12/2020

ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବ / ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

୩୦.୧୨.୨୦୨୦

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ. 4203 /ଓ.ଭା.ସା.ସଂ., ତା 30/12/2020

ଏହାର ଏକକିତା ନକଲ ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

୩୦.୧୨.୨୦୨୦

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ. 4204 /ଓ.ଭା.ସା.ସଂ., ତା 30/12/2020

ଏହାର ଏକକିତା ନକଲ ନିର୍ଦ୍ଦେଶକ-ତଥା-ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

୩୦.୧୨.୨୦୨୦

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ. 4205 /ଓ.ଭା.ସା.ସଂ., ତା 30/12/2020

ଏହାର ଏକକିତା ନକଲ ସରକାରଙ୍କ ସମସ୍ତ ବିଭାଗ/ ସଦସ୍ୟ, ରାଜସ୍ୱ ପରିଷଦ, ଓଡ଼ିଶା, କଟକ/ ସମସ୍ତ ବିଭାଗୀୟ ମୁଖ୍ୟ/ ସମସ୍ତ ରାଜସ୍ୱ ଆୟୁକ୍ତ/ ସମସ୍ତ ଜିଲ୍ଲାପାଳ/ ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ବିଭାଗୀୟ ସମସ୍ତ ଅଧସ୍ଥନ କାର୍ଯ୍ୟାଳୟ/ସମସ୍ତ ଉପବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

୩୦.୧୨.୨୦୨୦

ଅତିରିକ୍ତ ଶାସନ ସଚିବ

ଜ୍ଞାପକ ସଂ. 4206 /ଓ.ଭା.ସା.ସଂ., ତା 30/12/2020

ବିଭାଗୀୟ ୱେବ୍‌ସାଇଟ୍‌ରେଏହାକୁ ସ୍ଥାନିତ କରିବା ନିମନ୍ତେ ଏହାର ଏକକିତା ନକଲ ପରିଚାଳନା ନିର୍ଦ୍ଦେଶକ, ଲୁମିନସ୍ ଇନ୍ଫୋୱେଜ୍, ଭୁବନେଶ୍ୱରଙ୍କ ନିକଟକୁ ପ୍ରେରଣ କରାଗଲା।

୩୦.୧୨.୨୦୨୦

ଅତିରିକ୍ତ ଶାସନ ସଚିବ